# ବରଯାତ୍ରୀଙ୍କ ଭୁଜାଲି ମାଡ଼ରେ ୧୧ ଗୁରୁତର


ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତି ଯାଞ୍ଚ କରୁଛି।

■ବିବାହ ଶୋଭାଯାତ୍ରା ପାଲଟିଲା ରଣକ୍ଷେତ୍ର, ଉତ୍ତେଜନା

■ବରପକ୍ଷଙ୍କୁ ଅଟକ ରଖିଛନ୍ତି କନ୍ୟାପକ୍ଷ

ଛେଣ୍ଡିପଦା, ୧୨।୩ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଭଗଲାକଟା ଗାଁରେ ଗୁରୁବାର ରାତିରେ ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ଏହା ରଣକ୍ଷେତ୍ର ପାଲଟିଛି। ବରଯାତ୍ରୀ ଓ କନ୍ୟାପକ୍ଷଙ୍କ ମଧ୍ୟରେ ମାରପିଟ ବେଳେ ଭୁଜାଲି ଆକ୍ରମଣରେ ଉଭୟ ପକ୍ଷର ୧୧ ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଗାଁରେ ଉତ୍ତେଜନା ଲାଗିରହିଛି। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ବୁଝାଶୁଝା ପାଇଁ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ଖଣ୍ଡହତା ସୁରାବ ଗ୍ରାମରୁ ବରଯାତ୍ରୀ ଛେଣ୍ଡିପଦା ଥାନା ଭାଗଲକଟା ଗାଁକୁ ଆସିଥିଲେ। ବାହାଘର ଶୋଭାଯାତ୍ରା ଚାଲିଥିବା ବେଳେ କେତେଜଣ ବରଯାତ୍ରୀଙ୍କ ମଧ୍ୟରେ ଗତ ନିର୍ବାଚନ ବେଳର ଘଟଣାକୁ ନେଇ ମାରପିଟ ହୋଇଥିଲା। ଏହି ସମୟରେ କନ୍ୟାପକ୍ଷ ଗ୍ରାମବାସୀ ଓ ସମ୍ପର୍କୀୟମାନେ ବୁଝାଶୁଝା କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ବରପକ୍ଷ ଲୋକମାନେ କନ୍ୟାପକ୍ଷ ଗ୍ରାମବାସୀଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହିତ ମାରପିଟ କରିଥିଲେ। ଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଏହି ସମୟରେ ବରଯାତ୍ରୀରେ ଆସିଥିବା କେତେଜଣ ଯୁବକ ଭୁଜାଲି ଓ କଙ୍କଣରେ ଆକ୍ରମଣ କରିଥିଲେ। ଫଳରେ ବରଯାତ୍ରୀ ଓ କନ୍ୟାପକ୍ଷର ୧୧ ଜଣ ଗୁରୁତର ହୋଇଥିଲେ। ଏହି ଘଟଣା ପରେ କନ୍ୟାଘର ଗ୍ରାମବାସୀ ବରପକ୍ଷ ଲୋକଙ୍କୁ ଗ୍ରାମରେ ଅଟକ ରଖିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରୁଛି।

# ଜଳୁଛି ମଇମୁରା ଜଙ୍ଗଲ


ମଇମୁରା ଜଙ୍ଗଲରେ ଲାଗିଥିବା ନିଆଁ।

ବଇଣ୍ଡା, ୧୨।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଧଣ୍ଡାତୋପା ରେଞ୍ଜ ଅଧୀନରେ ଥିବା ମଇମୁରା ଜଙ୍ଗଲରେ କିଛି ଦିନ ହେବ ନିଆଁ ଲାଗିଛି। ଏହି ନିଆଁକୁ ଆୟତ୍ତ କରିବାରେ ବନ ବିଭାଗ ବିଫଳ ହୋଇଥିବାରୁ ଏ ନେଇ ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ମଇମୁରା ଜଙ୍ଗଲ ବହୁ ମୂଲ୍ୟବାନ ଗଛରେ ଭରପୂର ଥିବାବେଳେ ଏହା ଉପରେ କାଠ ଚୋରଙ୍କ ନଜର ପଡିଛି। ସେହିପରି ସହସ୍ରାଧିକ ମହୁଲ ଗଛ ଥିବା ଯୋଗୁ ବର୍ତ୍ତମାନ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲ ଭିତରକୁ ବହୁ ସଂଖ୍ୟାରେ ମହିଳା, ପୁରୁଷ ପ୍ରବେଶ କରୁଛନ୍ତି। ଗଛତଳ ସଫେଇ ପାଇଁ ପଡ଼ିଥିବା ଶୁଖିଲା ପତ୍ରରେ କେହି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। କିଛି ଦିନ ହେବ ପ୍ରବଳ ଖରା ହେଉଥିବାବେଳେ ନିଆଁ ଜୋର୍‌ରେ ଜଳୁଛି। ଫଳରେ ଜଙ୍ଗଲ ଉପରଭାଗ ଧୂଆଁମୟ ହୋଇଯାଉଛି। ନିଆଁ ଆୟତ୍ତ କରିବାରେ ବନ ବିଭାଗ ବିଫଳ ହେଉଥିବାରୁ ଅନେକ ମୂଲ୍ୟବାନ ଔଷଧୀୟ ଗଛ, କୀଟ ପତଙ୍ଗ ଜଳିଯାଉଛନ୍ତି। ନିକଟସ୍ଥ ଗ୍ରାମବାସୀ ମଧ୍ୟ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ ପକ୍ଷରୁ ଜଙ୍ଗଲରେ ଠିକ୍ ଭାବେ ପାଟ୍ରୋଲିଂ କରାଯାଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ।

# ଏକାଦଶାହରେ ରବୀନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି


ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ଭାଜପା କର୍ମକର୍ତ୍ତାମାନେ।

ବଇଣ୍ଡା, ୧୨।୩ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଭାରତୀୟ ଜନତା ପାର୍ଟିର ବରିଷ୍ଠ ସଦସ୍ୟ ତଥା ଅଏଡ଼ା ମଣ୍ଡଳ କୃଷକ ମୋର୍ଚ୍ଚାର ପୂର୍ବତନ ସଭାପତି ସ୍ୱର୍ଗତ ରବୀନ୍ଦ୍ର ସାହୁଙ୍କ ଏକାଦଶାହ କର୍ମ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପଶ୍ଚିମ ଓଡ଼ିଶା ପ୍ରଭାରୀ ସୀମାଞ୍ଚଳ ଖଟେଇ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ରବୀନ୍ଦ୍ର ଦଳ ପାଇଁ ସବୁବେଳେ କାମ କରୁଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ସଭାପତି ଯଯାତି କେଶରୀ ପଟ୍ଟନାୟକ, ପୂର୍ବତନ ଉପ ସଭାପତି ଅର୍ଜୁନ ସାହୁ, ଜିଲା ଭାଜପାର ବରିଷ୍ଠ ନେତୃବୃନ୍ଦଙ୍କ ସହ ଅନେକ କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ଶାନ୍ତି କାମନା କରିଥିଲେ।

# ପଞ୍ଚସଖାଙ୍କ ସାହିତ୍ୟକୃତି ଏବଂ ଅବଦାନ ଉପରେ ଆଲୋଚନା

ଇତିହାସ ବିଭାଗର ଏକଦିବସୀୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ, ୧୨।୩(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ପଞ୍ଚସଖା ପରମ୍ପରାରେ ଭକ୍ତି, ସାହିତ୍ୟ ଓ ସାମାଜିକ ପରିବର୍ତ୍ତନ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନା ଚକ୍ରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଉଦ୍‌ଘାଟନ କରି ସେହି ସମୟର ସମାଜ ଓ ବର୍ତ୍ତମାନ ସମାଜ ଉପରେ ବକ୍ତବ୍ୟ ରଖିଥିଲେ। ଇତିହାସ ବିଭାଗ ମୁଖ୍ୟ ରୀନା ମାରାଣ୍ଡି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. କନକଲତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରମୁଖବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ପ୍ରଫେସର ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଯୋଗଦାନ କରି ପଞ୍ଚସଖାଙ୍କ ସାହିତ୍ୟକୃତି ଏବଂ ଅବଦାନ ତଥା ପଞ୍ଚସଖାଙ୍କ ରଚନା ମାଧ୍ୟମରେ ସମାଜ ସଂସ୍କାରର ବାର୍ତ୍ତା କିପରି ପ୍ରସାର ଲାଭ କରିଥିଲା, ତାହା ଉପରେ ଆଲୋକପାତ କରିଥିଲେ। ଅନୁଗୋଳ ଜରାସିଂହା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ସିହ୍ନା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଆଶୀର୍ବାଦ କ୍ରିଷ୍ଣା ମହାନ୍ତି ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ଡ. ଦିବ୍ୟ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦାନ କରିବା ସହ ଇତିହାସ ବିଭାଗର ଛାତ୍ରୀଛାତ୍ର ତଥା ସ୍ନାତକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

## କେବୁଲ ଚୋରି ଅଭିଯୋଗରେ ୭ ଗିରଫ

କଣିହାଁ, ୧୨।୩(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ଜେଆଇପିଏଲ୍ କମ୍ପାନୀକୁ ଯାଇଥିବା କେବୁଲ ତାର ଚୋରି ଅଭିଯୋଗରେ କଣିହାଁ ଥାନା ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଣିହାଁ ଥାନା ଡେରଙ୍ଗ ଗ୍ରାମର ସୁନନ୍ଦ ଗୋଛାୟତ (୩୦), ମାନସ ଗୋଛାୟତ (୨୦), ଡାକ୍ତର ଗୋଛାୟତ (୨୪), ସୁନୀଲ ଗୋଛାୟତ (୨୮), ବିଜୟ ଗୋଛାୟତ (୩୦), ଗଗନ ଗୋଛାୟତ (୪୦), ଝୁଲଣ ଗୋଛାୟତ (୩୬)। ଗତ ୨୭ ତାରିଖରେ ଡେରଙ୍ଗ ଗୋଛାୟତ ସାହି ତାରିଣୀ ମନ୍ଦିର ପାଖରେ ଜେଆଇପିଏଲ ପ୍ଲାଣ୍ଟକୁ ଯାଇଥିବା କେବୁଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୬୧/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ତୁଷାରକାନ୍ତ ହତ୍ୟା ଘଟଣାରେ ଆଉ ଜଣେ ଗିରଫ

ଛେଣ୍ଡିପଦା, ୧୨।୩(ଅଜିତ୍ ଧଳ)



ହତ୍ୟା ଘଟଣାରେ ଗିରଫ ଅନ୍ୟତମ ଅଭିଯୁକ୍ତ ଚନ୍ଦ୍ରମଣି ଖୁଣ୍ଟିଆ।

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଜାତୀୟ ରାଜପଥ ପାର୍ଶ୍ୱ ଭେଜି ଗାଁରେ ଘଟିଥିବା ତୁଷାରକାନ୍ତ ଦେହୁରୀଙ୍କ ହତ୍ୟା ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତ ଅନୁଗୋଳ ଟାଉନ ଥାନା କଲେଜପଡ଼ାର ପିଣ୍ଟୁ ଓରଫ ଚନ୍ଦ୍ରମଣି ଖୁଣ୍ଟିଆଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ତୁଷାରକାନ୍ତ ଓ ଲୋକନାଥ ସାହୁ ଜେଲରୁ ବାହାରିବା ପରେ ଉଧାର ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଅନେକଥର ଝଗଡ଼ା ହୋଇଥିଲା। ସେହି ଟଙ୍କା ମାଗିବାକୁ ତୁଷାର ଭେଜି ଗାଁକୁ ଆସିଥିଲେ। ଲୋକନାଥ ଭୁବନେଶ୍ୱରରେ ରହୁଥିବାରୁ ତୁଷାର ଫୋନ୍‌ରେ ଲୋକନାଥଙ୍କ ସହ ତାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲୋକନାଥ ଭୁବନେଶ୍ୱରରୁ ଅନୁଗୋଳ ଆସି ସେମାନଙ୍କ ସହ ଜେଲରେ ଥିବା ପିଣ୍ଟୁଙ୍କୁ ଧରି ଭେଜି ଗାଁକୁ ଯାଇଥିଲେ। ସେଠାରେ ଉଭୟେ ମିଶି ଏକ ଭୁଜାଲିରେ ତୁଷାରଙ୍କୁ ହତ୍ୟାକରି ଫେରାର ହୋଇଯାଇଥିଲେ। ଏ ନେଇ ତୁଷାରଙ୍କ ଭାଇଙ୍କ ଅଭିଯୋଗକୁ ଆଧାରକରି ପୋଲିସ ଫେବୃଆରୀ ୧୩ ତାରିଖରେ ନଂ. ୩୨/୨୬ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଥିଲା। ପୂର୍ବରୁ ଲୋକନାଥଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବାବେଳେ ସହଯୋଗୀ ପିଣ୍ଟୁ ଓରଫ ଚନ୍ଦ୍ରମଣି ଖୁଣ୍ଟିଆଙ୍କୁ ଠାକୁରଗଡ଼ ଥାନା ଅଞ୍ଚଳରୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

## ୨୮ରେ ଓକିଲ ସଂଘ ନିର୍ବାଚନ, ମଇଦାନରେ ୯ ପ୍ରାର୍ଥୀ

ଛେଣ୍ଡିପଦା, ୧୨।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହକୁମାରେ ଥିବା ଓକିଲ ସଂଘର ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ସଂଘ ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁଙ୍କୁ ନିଯୁକ୍ତ କରାଯାଇଛି। ଚଳିତବର୍ଷ ସଭାପତି ପଦବୀ ପାଇଁ ନଗେନ୍ କୁମାର ନନ୍ଦ ଓ ଦୁର୍ଯ୍ୟୋଧନ ମାଝୀ, ଉପ ସଭାପତି ପଦବୀ ପାଇଁ ପ୍ରଶାନ୍ତ କୁମାର ସାହୁ ଓ ବିଜୟ କୁମାର ବେହେରା, ସାଧାରଣ ସମ୍ପାଦକ ପଦବୀ ପାଇଁ ଅଶୋକ କୁମାର ଦ୍ୱିବେଦୀ ଓ ପ୍ରଦୀପ କୁମାର ଗଡ଼ନାୟକଙ୍କ ସହ ସମ୍ପାଦକ ପଦବୀ ପାଇଁ ଶିଶିର କୁମାର ବେହେରା ଓ କୋଷାଧ୍ୟକ୍ଷ ପଦବୀ ପାଇଁ ବିଦ୍ୟାଧର ବେହେରା ନାମାଙ୍କନ ଭରିଛନ୍ତି। ଚଳିତ ନିର୍ବାଚନରେ ସାଂସ୍କୃତିକ ସମ୍ପାଦକ ପଦବୀ ପାଇଁ କେହି ନାମାଙ୍କନ ଭରି ନ ଥିବା ଜଣାପଡ଼ିଛି। ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ରାଜ୍ୟରେ ୱାନ ବାର୍ ୱାନ୍ ଭୋଟ ନିୟମ ଅନୁଯାୟୀ ଗୋଟିଏ ଦିନ ସବୁ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ପାଇଁ ୭ରୁ ୯ ମାର୍ଚ୍ଚ ଯାଏ ନାମାଙ୍କନପତ୍ର ଦାଖଲ ହୋଇଥିଲା। ମାର୍ଚ୍ଚ ୧୩ରେ ପ୍ରାର୍ଥପତ୍ର ପ୍ରତ୍ୟାହାର ଓ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା କରାଯିବ। ୨୮ ତାରିଖ ସକାଳ ସାଢ଼େ ୭ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ କରାଯିବା ସହିତ ସେହିଦିନ ଅପରାହ୍ନ ୪ଟାରୁ ଭୋଟ ଗଣତି କରାଯିବ ବୋଲି ନିର୍ବାଚନ ଅଧିକାରୀ ସାହୁ ସୂଚନା ଦେଇଛନ୍ତି।

# ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର କରାଯାଉ

ବିଧାନସଭାରେ ଦାବି ଉପସ୍ଥାପନ କଲେ ଛେଣ୍ଡିପଦା ବିଧାୟକ

ଛେଣ୍ଡିପଦା, ୧୨।୩(ଅଜିତ ଧଳ)


ବିଧାୟକ ଅଗସ୍ତି ବେହେରା।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକକୁ ଶସ୍ୟଶ୍ୟାମଳା କରିବା ପାଇଁ ବ୍ଲକରେ ଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପଗୁଡିକର ପୁନରୁଦ୍ଧାର କରାଯାଉ। ଏଥିସହ ଛେଣ୍ଡିପଦାକୁ ସବ୍‌ଡିଭିଜନ ମାନ୍ୟତା ଦିଆଯାଉ ବୋଲି ବିଧାୟକ ଅଗସ୍ତି ବେହେରା ବିଧାନସଭାରେ ଦାବିଉପସ୍ଥାପନ କରିଛନ୍ତି। ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକରେ ୨୨ଟି ଜଳସେଚନ ପ୍ରକଳ୍ପ ରହିଛି। ସେଗୁଡ଼ିକର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ବହୁ ଏକର ଜମିକୁ ଜଳସେଚନ ହୋଇପାରୁ ନ ଥିବା ନେଇ ଅନେକଥର ଚାଷୀମାନେ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ସବ୍‌ଡିଭିଜନ ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଥିବାବେଳେ ଏହାକୁ ସବ୍‌ଡିଭିଜନ ମାନ୍ୟତା ଦେବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ପାଇଁ ଲୋକେ ବିଧାୟକ ଓ ପ୍ରଶାସନ ନିକଟରେ ଦାବି କରୁଥିଲେ। ତେଣୁ ଛେଣ୍ଡିପଦା ଅଞ୍ଚଳର ସାମୂହିକ ବିକାଶକୁ ଆଖି ଆଗରେ ରଖି ବିଧାୟକ ବେହେରା ବିଧାନସଭାରେ ଉପରୋକ୍ତ ୨ଟି ଦାବି ଉପସ୍ଥାପନ କରିଛନ୍ତି। ଛେଣ୍ଡିପଦା ବ୍ଲକର କୋଶଳାରେ ଥିବା ତେଲିକରି ବନ୍ଧ, କୁକୁରପେଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କିସିଣ୍ଡାରେ ଥିବା କାଂଶବାଂଶ ଓ ପରଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଜଳଭଣ୍ଡାର କ୍ଷମତା ବୃଦ୍ଧି ସହିତ ବିଭିନ୍ନ ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଜଳଧାରଣ କ୍ଷମତା ବୃଦ୍ଧି କରି ଅଧିକ କୃଷି ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ସରକାର କୌଣସି ଯୋଜନା ଗ୍ରହଣ କରିଛନ୍ତି କି ନାହିଁ ବୋଲି ବିଧାନସଭାରେ ପ୍ରଶ୍ନ ପଚାରିଥିଲେ ଛେଣ୍ଡିପଦା ବିଧାୟକ ବେହେରା। ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ୨୨ଟି ପ୍ରକଳ୍ପ ମାଧ୍ୟମରେ ୫୮୭୫ ହେକ୍ଟର ଜମିକୁ ଜଳସେଚନ କରାଯାଉଛି। ତେଲିକରି ବନ୍ଧ ଜଙ୍ଗଲ ଭିତରେ ଅଛି। ଏହା ଜଳସମ୍ପଦ ବିଭାଗର ପରିସରଭୁକ୍ତ ନୁହେଁ। କୁକୁରପେଟା ଜଳସେଚନ ପ୍ରକଳ୍ପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ବ୍ୟୟ ବରାଦ କରାଯାଉଛି। ଏ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବିଧାୟକଙ୍କ ସହିତ ଆଲୋଚନାକରି ପଦକ୍ଷେପ ନିଆଯିବ ଏବଂ ଆଗାମୀ ଦିନରେ ଅନୁଗୋଳ ଜିଲାକୁ କିପରି ଶସ୍ୟଶାମଳ କରାଯିବ ତାହା ପାଇଁ ସରକାର ଯତ୍ନବାନ ହେବେ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ।

# ବିନିକେୟୀ ଯାତ୍ରାରେ ଜମୁଛି ଗହଳି

ଆଠମଲ୍ଲିକ, ୧୨।୩(ଉଦୀପ୍ତ ପୁରୋହିତ)


ମହାନଦୀ ପଠାରେ ଚାଲିଥିବା ବିନିକେଇ ଯାତ୍ରା।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପଇଁଚକୁଲ ଅଞ୍ଚଳର ଦରୁହା ନିକଟ ମହାନଦୀ ତଟରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା' ବିନିକେୟୀଙ୍କ ଅଷ୍ଟଦୋଳ ଯାତ୍ରାରେ ପ୍ରବଳ ଜନଗହଳି ହେଉଛି। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ୧୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୪ ତାରିଖରେ ମା'ଙ୍କ ସ୍ୱତନ୍ତ୍ର ପୂଜା କରାଯାଇ ପୂର୍ଣ୍ଣାହୁତି ଦିଆଯିବ।

ଗଡ଼ଜାତ ଅଞ୍ଚଳ ଆଠମଲ୍ଲିକର ବାଲିଯାତ୍ରା ଭାବେ ଜଣାଶୁଣା ଏହି ବିନିକେୟୀ ଯାତ୍ରାରେ ଚଳିତ ବର୍ଷ ୩ଶହ ଷ୍ଟଲ ପଡ଼ିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ବ୍ୟବସାୟୀ ଆସି ଏଠାରେ ବ୍ୟବସାୟ କରୁଛନ୍ତି। ଦୋକାନଗୁଡ଼ିକ ମଧ୍ୟରେ ମୁଖ୍ୟତଃ କଂସା ବାସନ, କପଡ଼ା, ସମ୍ବଲପୁରୀ ବସ୍ତ୍ର, ରେଡିମେଡ ବସ୍ତ୍ର, ଟାଟୁ, ଖେଳନା, ଘରକରଣା, ହରେକମାଲ, ଲୌହସାମଗ୍ରୀ, ଲେଡିଜ କର୍ଣ୍ଣର, ଫାଷ୍ଟଫୁଡ, ମିଠା ଓ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ରହିଛି। ସନ୍ଧ୍ୟା ୬ଟାରୁ ଭିଡ଼ ଆରମ୍ଭ ହେବା ସହିତ ରାତି ତମାମ ଲୋକ ଗହଳି ଲାଗି ରହୁଛି। ମନୋରଞ୍ଜନ ପାଇଁ ନିଃଶୁଳ୍କ ଅପେରା ପରିବେଷଣ ହେଉଛି। ଜିଲା ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ମା' ବିନିକେୟୀଙ୍କ ଦର୍ଶନ କରିବା ସହ ମେଳା ବୁଲି ଆବଶ୍ୟକ ସାମଗ୍ରୀ କ୍ରୟ କରୁଥିବା ଦେଖାଯାଉଛି। ପୂଜକ ବୃନ୍ଦାବନ ଜାନି ମା'ଙ୍କ ହୋମଯଜ୍ଞ ସହିତ ସ୍ୱତନ୍ତ୍ର ପୂଜା ଆୟୋଜନ କରିଥିବାବେଳେ କର୍ତ୍ତା ଭାବେ ସୁଦର୍ଶନ ଗାଇଗରିଆ ଦାୟିତ୍ୱ ସମ୍ଭାଳିଛନ୍ତି। ୧୦ ତାରିଖରେ ମା'ଙ୍କ ସ୍ୱତନ୍ତ୍ର ପୀଠ ପୂଜା ହୋଇଥିବା ବେଳେ ୧୧ ତାରିଖ ସକାଳୁ ଲୁହାସିଙ୍ଗା ଓ ଜାମୁଡୋଲୀ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ସହସ୍ରାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ମହାନଦୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପିତ କରିଥିଲେ। ପୂଜା କମିଟି ସଭାପତି ତଥା ସରପଞ୍ଚ ସୁଦର୍ଶନ ଗାଇଗରିଆ, ସମ୍ପାଦକ ତଥା ସରପଞ୍ଚ ପ୍ରଭାକର ପ୍ରଧାନ, କୋଷାଧ୍ୟକ୍ଷ ତଥା ସମିତିସଭ୍ୟ ଅଖିଳ ପ୍ରଧାନଙ୍କ ସମେତ ଜାମୁଡୋଲୀ ଓ ଲୁହାସିଙ୍ଗା ପଞ୍ଚାୟତର ପୁରାତନ କର୍ମକର୍ତ୍ତା ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରୁଥିବାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ବନ ବିଭାଗ ତରଫରୁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ଗଁଦିଆ ବ୍ଲକ ପ୍ରଶାସନର ଉଦାସୀନତା, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ରାସ୍ତା ଖୋଳି ଛାଡ଼ିଦେଉଛନ୍ତି କଣ୍ଟ୍ରାକ୍ଟର, ଦୁର୍ଘଟଣାରେ ସମ୍ମୁଖୀନ ଲୋକେ**





ଗଁଦିଆ,୧୨।୩(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ କାଳ ସାଜିଛି। କେବୁଲ ଲାଇନ୍ ସହ ମେଗା ପ୍ରକଳ୍ପ ପାଇଁ ରାସ୍ତା ଖୋଳାଯିବା ପରେ ତାହାକୁ ଯଥା ସମୟରେ ସମତଳ କରାଯାଉନାହିଁ। ଫଳରେ ମାଟି ଗଦା ଛାଡ଼ି ଠିକାଦାର ଚାଲିଯାଉଥିବା ବେଳେ ବିପର୍ଯ୍ୟସ୍ତ ରାସ୍ତାରେ ଯାତାୟାତ କରି ଲୋକେ ହନ୍ତସନ୍ତ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ବ୍ଲକର ପୋରୁହଖୋଜ, ବଣିଆପଡା ଛକ, ହିରୋ ସୋରୁମ୍ ସମ୍ମୁଖ ଏବଂ ଶ୍ରୀରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ଆଦି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ଓ କେବୁଲ ସଂଯୋଗ ପାଇଁ ଖୋଳାଯାଇଥିଲା। ନିୟମ ଅନୁଯାୟୀ କାମ ଶେଷ ହେବା ପରେ ରାସ୍ତାକୁ ପୂର୍ବଭଳି ସମତୁଲ କରି ମରାମତି କରିବା କଥା। କିନ୍ତୁ ସଂପୃକ୍ତ ଠିକାଦାର ନିୟମକୁ ବେଖାତିର କରି ପାର୍କିଂ ସିମେଣ୍ଟ ଇଟାଗୁଡ଼ିକୁ ଖୋଲି ରାସ୍ତା କଡରେ ବିପଦପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଦେଇଛନ୍ତି। ଠିକାଦାରଙ୍କ ଏହି ମନମୁଖୀ କାର୍ଯ୍ୟ ଯୋଗୁ ମୁଖ୍ୟ ରାସ୍ତାଟି ସଂକୀର୍ଣ୍ଣ ହୋଇପଡିଛି। ରାସ୍ତା ଉପରେ ଜମି ରହିଥିବା ମାଟି ଗଦା ଯୋଗୁ ଦୁଇଚକିଆ ଯାନ ଚାଳକମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ ଗଁଦିଆ ବଜାର ରାସ୍ତା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି । ଆଶ୍ଚର୍ଯ୍ୟର କଥା ହେଉଛି କି, ଏହି ରାସ୍ତା ଦେଇ ପ୍ରତିଦିନ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, ମନ୍ତ୍ରୀ, ଯନ୍ତ୍ରୀ, ବିଡିଓ, ତହସିଲଦାର, ଥାନା ଅଧିକାରୀ ଏବଂ ଉପଜିଲାପାଳଙ୍କ ସମେତ ଅନେକ ଅଧିକାରୀ ଓ ଜନପ୍ରତିନିଧି ଯାତାୟାତ କରୁଥିଲେ ମଧ କାହାର ନିଘା ନାହିଁ। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ସଂପୃକ୍ତ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଯଦି ଏଥିପ୍ରତି ଶୀଘ୍ର ପଦକ୍ଷେପ ନିଆ ନ ଯାଏ, ଜନସାଧାରଣ ଯେଉଁ ଦୁର୍ଦ୍ଦଶା ଭୋଗିବେ, ସେଥିପ୍ରତି ଠିକାଦାର ଓ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନ, ୧୨।୩ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମହିଳା ଡିଗ୍ରୀ କଲେଜ ପରିସରରେ ଗୁରୁବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିବା ପାଇଁ ମହିଳାଙ୍କର ମୁଖ୍ୟ ଭୂମିକା ରହିଛି ଏବଂ ରହିଥିବ ବୋଲି କହିଥିଲେ। ଅଧ୍ୟାପିକା ସୁଶ୍ରୀ ସମ୍ବେଦିତା ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ସଚେତନ ହେଲେ ସମାଜରୁ କୁସଂସ୍କାର ଦୂର ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେଥିରେ ଉପସ୍ଥିତ ଛାତ୍ରୀମାନେ ମହିଳା ଦିବସ ପାଳନ ସମ୍ପର୍କରେ ନିଜର ମତ ରଖିଥିଲେ। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# କୁଆଁଳୋ ସରପଞ୍ଚଙ୍କ ପିତୃ ବିୟୋଗ



ପରଜଙ୍ଗ, ୧୨।୩
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଁଳୋ ପଞ୍ଚାୟତର ସରପଞ୍ଚ ଅଜିତ କୁମାର ସାହୁଙ୍କ ପିତା ଦେବରାଜ ସାହୁ (୮୪)ଙ୍କର ନିଜ ଗ୍ରାମ ପରମହଂସପୁରସ୍ଥିତ ବାସଭବନରେ ଦେହାନ୍ତ ହୋଇଛି। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ବେଶ ପରିଚିତ ଥିଲେ। କିଛିଦିନ ହେବ ଅସୁସ୍ଥ ଥିବାବେଳେ ଗୁରୁବାର ପୂର୍ବାହ୍ନରେ ନିଜ ବାସଭବନରେ ତାଙ୍କର ବିୟୋଗ ଘଟିଛି।

ସୂଚନା ମୁତାବକ, ଅବସରପ୍ରାପ୍ତ ଶିକ୍ଷକ ଦେବରାଜଙ୍କ ଚାକିରି ସମୟରେ ଛାତ୍ରୀଛାତ୍ରମାନଙ୍କ ପ୍ରତି ବହୁ ସ୍ନେହଶ୍ରଦ୍ଧା ରହିଥିଲା। ତାଙ୍କ ବିୟୋଗ ଖବର ଶୁଣି ବହୁ ଛାତ୍ରୀଛାତ୍ର, ସରପଞ୍ଚ, ସମିତି ମେମ୍ବର, ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏଥିସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି,ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଶୋକ ବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର, ବଧୂ, ଝିଅ,ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା।

# ସିନ୍‌ଫେଷ୍ଟ ଉଦ୍‌ଘାଟିତ



ସିନ୍‌ଫେଷ୍ଟ-୨୦୨୬ ଉଦ୍ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ମାନେ।

ଢେଙ୍କାନାଳ,୧୨।୩(ରତନ ନାୟାର)

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଙ୍ଗ୍ କଲେଜର ବାର୍ଷିକ ଉତ୍ସବ ସିନ୍‌ଫେଷ୍ଟ-୨୦୨୬ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର ରାଜା କାମାକ୍ଷା ପ୍ରସାଦ ସିଂହଦେଓ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଣୀ ସାବିତ୍ରୀ ଦେବୀ, ୱିଙ୍ଗ୍ କମାଣ୍ଡର ବିଏସ୍ ସିଂହଦେଓ, ଗିରିଶ ତିୱାରୀ, ମନୋଜ ମିଶ୍ର ପ୍ରମୁଖ ଯୋଗଦେଇ ବୈଷୟିକ ଶିକ୍ଷା କ୍ଷେତ୍ରରେ ସିନର୍ଜି ଇଞ୍ଜିନିୟରିଙ୍ଗ କଲେଜ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମତବ୍ୟକ୍ତ କରିଥିଲେ। କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ବିନୋଦ ଦାଶ ଅଧ୍ୟକ୍ଷତା କରି ଅନୁଷ୍ଠାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶିକା ଡ. ଇତିଶ୍ରୀ ମହାନ୍ତି, ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ନାୟକ, ସାଇନ୍ସ ଓ ମ୍ୟାନେଜମେଣ୍ଟ ପ୍ରିନ୍ସିପାଲ ଡ. ମାତୃ ପ୍ରସାଦ ଦାସ, ସାଂସ୍କୃତିକ ବିଭାଗର ଉପସଭାପତି ପ୍ରଫେସର ସ୍ମୃତି ରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଜଙ୍ଗଲ ନିଆଁ ରୋକିବା ପାଇଁ ପ୍ରୟାସ

ପରଜଙ୍ଗ, ୧୨।୩
(ନିଗମାନନ୍ଦ ଦଳବେହେରା)

ଦିନକୁ ଦିନ ଖରାର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ବନାଞ୍ଚଳରେ ଥିବା ଜଙ୍ଗଲଗୁଡିକରେ ନିଆଁ ଲାଗିବା ଆରମ୍ଭ ହୋଇଛି । ଫଳରେ ବହୁ ମୂଲ୍ୟବାନ ବୃକ୍ଷଠାରୁ ଆରମ୍ଭ କରି ଔଷଧୀୟ ବୃକ୍ଷ ପର୍ଯ୍ୟନ୍ତ ଜଳିପୋଡି ନଷ୍ଟ ହୋଇଯାଉଛି। ତେବେ ଜଙ୍ଗଲରେ ନିଆଁକୁ ଲିଭାଇବା ଓ ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି ମହାବିରୋଡ଼ ଏକ ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ନବୀନ କୁମାର ସାହୁ । ମହାବିରୋଡ଼ ବନାଞ୍ଚଳ ଗତରେଇ ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲୀ ଜୀବଜନ୍ତୁ ବିପଦରେ ପଡ଼ିଥିବା ଓ ବହୁ ଔଷଧୀୟ ବୃକ୍ଷ ନଷ୍ଟ ହେଉଥିବା ଖବର ପାଇ ଗୁରୁବାର ସକାଳେ ନିଆଁ ଲାଗିଥିବା ସ୍ଥାନରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ପରିବେଶକୁ ସୁରକ୍ଷା ଯୋଗାଇଦେଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ନବୀନ ଜଙ୍ଗଲ ନିଆଁକୁ ଲିଭାଇବା ସହ ବନବିଭାଗକୁ ଖବର ଦେଇ ବନାଗ୍ନିକୁ ନିୟନ୍ତ୍ରଣ କରିପାରୁଛନ୍ତି।

# ଦେଶୀ ମଦ ସହ ୨ ଗିରଫ, ବାଇକ୍ ଜବତ

ଗଁଦିଆ,୨୨।୩(ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଅବକାରୀ ମୋବାଇଲ ୟୁନିଟ୍ ଓ ଗଁଦିଆ ଅବକାରୀ ମୋବାଇଲ ୟୁନିଟ୍ ଇନଚାର୍ଜ ସୁନିତା କେର୍କେଟାଙ୍କ ନେତୃତ୍ୱରେ କର୍ମଚାରୀମାନେ ମିଳିତ ଚଢାଉ କରି ଦୁଇଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୁବନ ଏକତାଳି ଗ୍ରାମର ବିପିନ ରାଉତ ଓ ଟଙ୍କଧର ରାଉତ । ସେମାନଙ୍କ ନିକଟରୁ ଦେଶୀ ମଦ ସହ ଏକ ମୋଟର ସାଇକେଲ ଜବତ କରାଯାଇଛି। ମନ୍ଦାର ପେଟ୍ରୋଲ ପମ୍ପ ନିକଟରେ ଅବକାରୀ ବିଭାଗ ଚଢାଉ କରି ଭୁବନ ଅଞ୍ଚଳର ଏକତାଳି ଗ୍ରାମର ବିପିନ ରାଉତ(୩୨)ଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୨୩ ଲିଟର ଦେଶୀ ମଦ ସହିତ ଏକ ମୋଟର ସାଇକେଲକୁ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ କେସ୍ ନଂ. ୩୦୭/୨୦୨୫-୨୬ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ଏକତାଳି ଗ୍ରାମର ଟଙ୍କଧର ରାଉତଙ୍କ ପାଖରୁ ୨୦ ଲିଟର ଚୋରା ମଦ ଜବତ୍ କରାଯାଇଛି। ତାଙ୍କ ବିରୋଧରେ କେସ୍ ନଂ. ୩୦୮/୨୦୨୫-୨୬ରେ ମାମଲା ରୁଜୁ କରାଯାଇଛି। ଗିରଫ ବିପିନ ଓ ଟଙ୍କଧର ଉଭୟ ବୃତ୍ତିଗତ ଭାବେ ମଦ ବ୍ୟବସାୟରେ ସଂପୃକ୍ତ ଥିବା ବିଭାଗୀୟ ଅଧିକାରୀ ସୂଚନାରୁ ଜଣାପଡିଛି। ଗଁଦିଆ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଚୋରାମଦ ଓ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଏହି ଚଢ଼ାଉକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଚୋରା ମଦ ଓ ନିଶା କାରବାର ଯୋଗୁ ଅନେକ ସମୟରେ ଅପ୍ରୀତିକର ଘଟଣା ଘଟୁଥିବାରୁ ଏହି ଚଢାଉକୁ ଆହୁରି କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

# ବିଶ୍ୱ ବୃକ୍କ ଦିବସ ପାଳିତ




ବିଶ୍ୱ ବୃକକ୍ ଦିବସ ପାଳନ ଅବସରରେ ସଚେତନତା।

ଢେଙ୍କାନାଳ,୧୨।୩(ରତନ ନାୟାର)

ଢେଙ୍କାନାଳ ସହର ମୀନାବଜାରସ୍ଥିତ ସୁଚିତ୍ର ସଲ୍ୟୁସନ୍ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ବୃକକ୍ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଲୋକମାନଙ୍କୁ କିଡ୍‌ନୀ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା କରାଯାଇଥିଲା । ଢେଙ୍କାନାଳ ଜିଲାରେ କିଡ୍‌ନୀ ରୋଗ ପ୍ରତି ଲୋକମାନଙ୍କୁ ସତର୍କ କରାଯାଇ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଚିତ୍ର କୁମାରଙ୍କ ସମେତ ଅନେକ ଯୁବପିଢି ମଧ୍ୟ ସାମିଲ ହୋଇଥିଲେ ।

# ସଭାପତି, ସମ୍ପାଦକ ପାଇଁ ଲଢ଼େଇ

 କାମାକ୍ଷାନଗର, ୧୨।୩ (ସୁଧୀର କୁମାର ପରିଡ଼ା)

**କାମାକ୍ଷାନଗର ଓକିଲ ସଂଘ ନିର୍ବାଚନ**

ଓଡ଼ିଶା ରାଜ୍ୟ ବାରକାଉନସିଲର ନିର୍ଦ୍ଦେଶ କ୍ରମେ ସମଗ୍ର ଓଡ଼ିଶା ଓକିଲ ସଂଘର ସାଧାରଣ ନିର୍ବାଚନ ୨୮ ତାରିଖରେ ହେବାକୁ ସ୍ଥିର ହୋଇଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଓକିଲ ସଂଘ ନିର୍ବାଚନରେ ସଭାପତି ଓ ସମ୍ପାଦକ ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ସ୍ପଷ୍ଟ ହୋଇଛି। ସଭାପତି ପଦ ପାଇଁ ବର୍ତ୍ତମାନର ସଭାପତି ରଞ୍ଜନ କୁମାର ରାଉତ ଓ ବରିଷ୍ଠ ସଭ୍ୟ ପବିତ୍ର ମୋହନ ବିଶ୍ୱାଳ ଏବଂ ଉପସଭାପତି ପଦ ପାଇଁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ତଥା ବର୍ତ୍ତମାନର ଉପସଭାପତି ସଞ୍ଜୀବ କୁମାର ବେହେରା ଓ ଅରୁଣ କୁମାର ନନ୍ଦ ଓ ସମ୍ପାଦକ ପଦ ପାଇଁ ବର୍ତ୍ତମାନର ସମ୍ପାଦକ ଅଜିତ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ପାଣି ମଇଦାନରେ ଭାଗ୍ୟ ପରିକ୍ଷା ପାଇଁ ପ୍ରସ୍ତୁତ ଅଛନ୍ତି। ସେହିପରି ସହ ସମ୍ପାଦକ ପାଇଁ ବର୍ତ୍ତମାନର ସହ ସମ୍ପାଦକ ଜମାଲ ହୁସେନ ଖାଁ ଓ ଲାଇବ୍ରେରୀ ପାଇଁ ଅଭୟ କୁମାର ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଅବିନାଶ ମିଶ୍ର, ପ୍ରଭୁପ୍ରସାଦ ତ୍ରିପାଠୀ, ରାଜଶ୍ରୀ ନାଏକ, ସଞ୍ଜୀବ କିଶୋର ପଣ୍ଡା ଓ ସୁଧାଂଶୁ ରଞ୍ଜନ ବରାଳ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଅଯୋଧ୍ୟା ପ୍ରସାଦ ଶତପଥୀ ଜଣାଇଛନ୍ତି। ୨୮ ତାରିଖ ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇ ଅପରାହ୍ନ ୪ଟାରେ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ ବୋଲି ଶତପଥୀ ସୂଚନା ଦେଇଛନ୍ତି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବଇଣ୍ଡା,୧୨।୩(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ପଞ୍ଚାୟତ ବିଡିସିଙ୍ଗ ଗ୍ରାମର ଫୁଲୋତ୍ତମା ରାଉତ (୭୮)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କିଛିବର୍ଷ ହେବ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ବୋହୂ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ବଇଣ୍ଡା,୧୨।୩(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ବାଲିଖମଣ ନିକଟରେ ଗୁରୁବାର ଭାଲୁ ଆକ୍ରମଣରେ କତଡ଼ା ଗ୍ରାମର ବନମାଳୀ ମିର୍ଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ ବଇଣ୍ଡା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବନମାଳୀ ବାଲିଖମଣସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଉଥିବାବେଳେ ରାସ୍ତାରେ ଭାଲୁ ହାବୁଡ଼ରେ ପଡିଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ୧୦ମ ଶ୍ରେଣୀ ଛାତ୍ରୀ ନିଖୋଜ

ସନ୍ତ୍ରୀଛକ, ୧୨।୩ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକର ଜଣେ ଦଶମ ଶ୍ରେଣୀ ଛାତ୍ରୀ ବୁଧବାରଠାରୁ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ଗୁରୁବାର ବଅଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଉଲ୍ଲେଖ କରାଯାଇଛି, ମହୀଧରପୁର ଅଞ୍ଚଳର ସମ୍ପୃକ୍ତା ଦଶମ ଶ୍ରେଣୀ ଛାତ୍ରୀ ବୁଧବାର ରାତି ପ୍ରାୟ ୧୦ଟାରୁ ଘର ଲୋକଙ୍କୁ ନ ଜଣାଇ କେଉଁଆଡ଼େ ଚାଲିଯାଇଥିବା କିମ୍ବା କେହି ଅପହରଣ କରିନେଇଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଝିଅର ସନ୍ଧାନ ନ ପାଇବାରୁ ଥାନାରେ ନିଖୋଜ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।



ଅନୁଗୋଳ ଜିଲା ବନ୍ତଳା ବଜାରସ୍ଥିତ ଶଙ୍ଖପୁର ମଦନମୋହନ ଛକରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୧୦ ଦୋକାନ ଜଳିଯିବା ଖବର ପାଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଖାଇବା ତେଲ କଳାବଜାର: ପ୍ୟାକେଟ ପିଛା ୨୦ ଟଙ୍କା ବୃଦ୍ଧି

ଅନୁଗୋଳ,୧୨।୩(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ବଜାରରେ ଖାଇବା ତେଲ ବିଶେଷକରି ରିଫାଇନ ତେଲର କଳାବଜାର ଆରମ୍ଭ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। ଏପରି କି କେତୋଟି ଶପିଂମଲ୍ ଠାରୁ ଖୁଚୁରା ଦୋକାନରେ ଏହି ତେଲ ଦର ୨୦ ଟଙ୍କା ବଢ଼ାଇ ବିକ୍ରି କରାଯାଉଥିବା ଦେଖାଯାଉଛି। କେତେଜଣ ହୋଲସେଲର ଏହି ତେଲ କଳାବଜାର କରୁଥିବାବେଳେ ବେପାରୀଙ୍କ ଏଜେଣ୍ଟମାନେ ଖୁଚୁରା ଦୋକାନକୁ ଯାଇ ମାଲ୍ ଆସୁନାହିଁ କହି ଅର୍ଡର ବାତିଲ କରୁଥିବା କୁହାଯାଉଛି। ସହର ଭିତରେ ଥିବା ଗୁପ୍ତ ଗୋଦାମ ଓ ସହର ବାହାରେ ଥିବା ଗୋଦାମରେ ପର୍ଯ୍ୟାପ୍ତ ତେଲ ରଖାଯାଇଥିବା ବେଳେ କୃତ୍ରିମ ଅଭାବ ସୃଷ୍ଟି କରି ସାଧାରଣରେ ଆତଙ୍କର ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ରନ୍ଧନ ଗ୍ୟାସ୍ ଦର ବଢ଼ିବା ପରେ ଖାଇବା ତେଲର ଏଭଳି କଳାବଜାର ଲୋକଙ୍କୁ ବେଶ୍ କ୍ଷୁବ୍ଧ କରୁଛି। ଜିଲା ଯୋଗାଣ ବିଭାଗ ତୁରନ୍ତ ଚଢ଼ାଉ କରି ତେଲର ସୁଷମ ବଣ୍ଟନ କରିବାକୁ ଦାବି ହେଉଛି।

# ବଡ଼କେରା ଛକରୁ ଜବରଦଖଲ ଉଚ୍ଛେଦ



ବନ୍ତଳା, ୧୨।୩ (ସୁଶିତ ସାହୁ)

ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ (୫୫)ର ବଡ଼କେରା ଛକରୁ ଗୁରୁବାର ଏନ୍‌ଏଚ୍‌ଏଆଇ ଓ ଜିଲା ପ୍ରଶାସନ ଦ୍ୱାରା ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ ବଡ଼କେରା ଛକରେ ଜବରଦଖଲ କରିଥିବା ଦୋକାନୀମାନଙ୍କୁ ହଟିଯିବା ପାଇଁ ଏନ୍‌ଏଚ୍‌ଏଆଇ ତରଫରୁ ୨ମାସ ପୂର୍ବରୁ ନୋଟିସ ଦିଆଯାଇଥିଲା। କିନ୍ତୁ ଏହି ନୋଟିସକୁ କୌଣସି ଦୋକାନୀ ଭୃକ୍ଷେପ କରି ନ ଥିଲେ। ଗୁରୁବାର ଏନ୍‌ଏଚ୍‌ଏଆଇ ଓ ଜିଲା ପ୍ରଶାସନ ତରଫରୁ ଚମ୍ପତିମୁଣ୍ଡା ରାଜସ୍ୱ ନିରୀକ୍ଷକ ପ୍ରତ୍ୟେକ ଦୋକାନୀଙ୍କୁ ଦୋକାନ ଓ ଅନ୍ୟାନ୍ୟ ସାମଗ୍ରୀ ଉଠାଇନେବାକୁ ଜଣାଇଥିଲେ। ପରେ ବନ୍ତଳା ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିଲା। କେତେଜଣ ଦୋକାନୀ ସମୟ ମାଗିଥିଲେ ମଧ ପ୍ରଶାସନ ଆଉ ସମୟ ଦେଇ ନ ଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ କେତୋଟି ଦୋକାନ ଉଚ୍ଛେଦ ପରେ ଆଉ କିଛି ଦୋକାନ ଛାଡ଼ି ଦିଆଯିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଜବରଦଖଲ ଉଚ୍ଛେଦ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଜନସାଧାରଣ ଜେସିବିକୁ ଅଟକ ରଖିଥିଲେ। ଏନ୍‌ଏଚ୍‌ଏଆଇ ଓ ଜିଲା ପ୍ରଶାସନ ଶୁକ୍ରବାର ବାକି ଦୋକାନ ଉଚ୍ଛେଦ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଜେସିବିକୁ ଜନସାଧାରଣ ଛାଡିଥିଲେ। ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ପ୍ରଶାନ୍ତ କୁମାର ସିଂହ, ସୁପରଭାଇଜର ବ୍ରଜବନ୍ଧୁ ସାହୁ, ବିଭୂତି ଭୂଷଣ ଭୋଇ, ଚମ୍ପତିମୁଣ୍ଡା ରାଜସ୍ୱ ନିରୀକ୍ଷକ ଯୁଗଳ କିଶୋର ନାୟକ, ଅରବିନ୍ଦ ଗଡ଼ନାୟକ, ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଜିଲାପାଳଙ୍କ କାର୍ଯ୍ୟାଳୟ

କେନ୍ଦୁଝର,୧୨।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଫେଇ ହେଉନାହିଁ। ଫଳରେ ଐତିହ୍ୟସମ୍ପନ୍ନ ଏହି ୧୦୦ବର୍ଷର ପୁରୁଣା କୋଠା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ଓ ନିୟମିତ ସଫେଇ ହେଉ ନ ଥିବାରୁ ଗୋଟିଏ ପାର୍ଶ୍ୱ ଅନାବନା ଗଛଲତା ଉଠି ଜଙ୍ଗଲରେ ପରିପୂର୍ଣ୍ଣ ହୋଇଛି। ସେହିପରି ଗଛ ଉଠି କୋଠାର କାନ୍ଥ, ପାହାଚ ତଥା ଚଟାଣକୁ ଦୁର୍ବଳ କରିଦେଉଛି।

ପ୍ରକାଶ ଯେ, ଉକ୍ତ ପୁରାତନ କୋଠା ସରକାରୀ କାର୍ଯ୍ୟାଳୟରେ ପରିଣତ ହୋଇଥିଲେ ମଧ୍ୟ ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ ହେଉ ନ ଥିବା କାହାକୁ ଅଛପା ନାହିଁ। ବର୍ତ୍ତମାନର ଜିଲାପାଳଙ୍କ କାର୍ଯ୍ୟାଳୟ ଯାହାକି ସେ ସମୟରେ ରାଜାଙ୍କର କଚେରି ଭାବରେ ନାମିତ ହୋଇଥିଲା। କଚେରି ୧୯୨୦ରେ ନିର୍ମିତ ହୋଇଥିବା ବେଳେ ପୁରାତନ ତଥା ଐତିହ୍ୟସମ୍ପନ୍ନ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଶେଷ କରି କାର୍ଯ୍ୟାଳୟ ପରିସରର ବାମପାର୍ଶ୍ୱ ଦୀର୍ଘ ମାସ ହେବ ସଫେଇ ହେଉନାହିଁ। ବର୍ଷା ଦିନରେ ଛାତରୁ ଅନେକ ସ୍ଥାନରେ ପାଣି ଗଳୁଛି, କାନ୍ଥରୁ ଆସ୍ତରଣ ଝଡ଼ିପଡୁଛି। ଏଭଳି ପରିସ୍ଥିତିରେ କୋଠାରେ ଅନାବନା ଗଛ ଉଠିବା ଫଳରେ ସୌନ୍ଦର୍ଯ୍ୟହାନି ଘଟିବା ସହ କୋଠା ଦୁର୍ବଳ ହେଉଥିବା ମତପ୍ରକାଶ ପାଉଛି। ସହରର ସୌନ୍ଦର୍ଯ୍ୟକରଣ ଓ ସଫେଇ ପାଇଁ ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ବହୁ ପୁରାତନ ଐତିହ୍ୟସମ୍ପନ୍ନ କୋଠାର ପରିସରର ସଫେଇ ନେଇ

## ସଫେଇ ହେଉନି, ଗଛଲଟା ମାଡ଼ିଗଲାଣି



ପଦକ୍ଷେପ ନିଆଯାଉ ନ ଥିବାରୁ ବରିଷ୍ଠ ନାଗରିକ ମଞ୍ଚ ଉଦ୍‌ବେଗ ବ୍ୟକ୍ତକରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ କହିଛନ୍ତି, ଏହାର ପରିସର ସଫେଇ କରିବା ପାଇଁ ପୌରପାଳିକକୁ କୁହାଯାଉଛି। ସେ ବାରମ୍ବାର କହୁଥିଲେ ହେଁ କେହି ଗୁରୁତ୍ୱ ଦେଉନାହାନ୍ତି। ସେ ଏ ନେଇ ଅନୁଧ୍ୟାନ କରୁଛନ୍ତି।

ପ୍ରକାଶଯୋଗ୍ୟ, ୧୯୨୦ ନିର୍ମିତ ଉକ୍ତ ରାଜାଙ୍କ କଚେରି ବିନା ସିମେଣ୍ଟରେ ତଥା ଅଠା ଓ ଚୂନ ଆଦି ସାମଗ୍ରୀ ବ୍ୟବହାରକରି ନିର୍ମାଣ ହୋଇଥିଲା। ବିଦେଶରୁ କାଚ ଅଣାଯାଇ ଏଠାରେ ବ୍ୟବହାର ହୋଇଥିଲା। ଏଣୁ ଏହାର ଡିଜାଇନ ଏଭଳି ଥିଲା ଯେ, ଦରବାର ହଲ୍ ଓ କୋଠରି ସୂର୍ଯ୍ୟାଲୋକରେ ଆଲୋକିତ ହେଉଥିଲା। ଏବେ ଏହି କୋଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଚାଲିଥିବା ବେଳେ ବିଭିନ୍ନ ସମୟରେ ସୌନ୍ଦର୍ଯ୍ୟକରଣ ନାମରେ ବିନା ପ୍ରତ୍ନତତ୍ତ୍ୱ ବିଭାଗର ପରାମର୍ଶରେ ପୂର୍ତ୍ତ ବିଭାଗ ଜରିଆରେ ମରାମତି ଓ ନିର୍ମାଣ କରାଯାଉଛି।

# ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଖାରଜ

ବଡ଼ବିଲ,୧୨।୩(ଜୟନ୍ତୀ ରଣା)

## ବଡ଼ବିଲ ବାର ଆସୋସିଏଶନ

କେନ୍ଦୁଝର ଜିଲା ବଡବିଲ ବାର ଆସୋସିଏଶନର ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ତାଲିକା ଗୁରୁବାର ପ୍ରକାଶ ପାଇଛି। ଉପ ସଭାପତି ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଥିବା ଜଣେ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ହୋଇଥିବା ବେଳେ ଅନ୍ୟ ସମସ୍ତଙ୍କ ନାମାଙ୍କନ କାଏମ ରହିଥିବା ସୂଚନା ମିଳିଛି। ଏ ନେଇ ଆସୋସିଏଶନ ନିର୍ବାଚନ ଅଧିକାରୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟବ୍ୟାପୀ ଜିଲା ଓ ବିଭିନ୍ନ ସ୍ଥାନରେ ଓକିଲ ସଂଘ ଅଥବା ବାର ଆସୋସିଏଶନଗୁଡ଼ିକରେ ରାଜ୍ୟ ବାର କାଉନ୍‌ସିଲର ୱାନ୍ ବାର ୱାନ ଭୋଟ ନିୟମାନୁଯାୟୀ ଏକସଙ୍ଗେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାର୍ଚ୍ଚ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ନିମନ୍ତେ ଧାର୍ଯ୍ୟ କରାଯାଇଥିଲା ବେଳେ ବୁଧବାର ନାମାଙ୍କନ ପତ୍ର ଯାଞ୍ଚ ହୋଇ ଗୁରୁବାର କାଏମ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ସେହି ଅନୁସାରେ କେନ୍ଦୁଝର ଜିଲା ବଡ଼ବିଲ ବାର ଆସୋସିଏଶନର କାଏମ ରହିଥିବା ପ୍ରାର୍ଥୀଙ୍କ ତାଲିକାରେ ସଭାପତି ପ୍ରାର୍ଥୀ ନିମନ୍ତେ ବଳରାମ ମହାନ୍ତି, ଉପସଭାପତି ଗଗନ ବିହାରୀ ଭଞ୍ଜମିଶ୍ର, ସମ୍ପାଦକ ଦେବପ୍ରିୟ ରଣା, ଯୁଗ୍ମ ସମ୍ପାଦକ ମିହିର ନାମତୋଆର, ସହ ସମ୍ପାଦକ ପ୍ରସନ୍ନ ପରିଡା, କୋଷାଧ୍ୟକ୍ଷ ପ୍ରଦୀପ ମହାନ୍ତି, ଲାଇବ୍ରେରୀ ସମ୍ପାଦକ ବିଷ୍ଣୁପ୍ରିୟା ସେଠୀ, ଲାଇବ୍ରେରୀ ସହ ସମ୍ପାଦକ ନିମନ୍ତେ ଜଗନ୍ନାଥ ସେଠୀ, ୫ଟି ଏକଜ୍ୟୁକ୍ୟୁଟିଭ ସଦସ୍ୟ ନିମନ୍ତେ ଲକ୍ଷ୍ମୀ ଖୁଣ୍ଟିଆ, ମନୋଜ ସିଂହ, ସତିଶ ଲାଗୁରୀ, କମଳା ପାତ୍ର, ସଞ୍ଜୟ ମହାପାତ୍ର ଓ ହରିଶ ଚନ୍ଦ୍ର ବାରିଙ୍କ ନାମ ରହିଥିବା ଜଣାପଡ଼ିଛି। ମାର୍ଚ୍ଚ ୧୩ ଶୁକ୍ରବାର ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି

ପାଟଣା,୧୨।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଗେଟ ତାଲା ଭାଙ୍ଗି ଅଫିସ ଭିତରେ ପଶି ଆଲମାରୀ ଚାବି ଭାଙ୍ଗି କାଗଜପତ୍ର ଓ ଫାଇଲ ଏଣେ ତେଣେ ପକାଇ ଏକ ଲାପ୍‌ଟପ, ଏକ ମାଉସ ଓ ଡ୍ରଙ୍ଗଲ ରହିଥିବା ଆର ଆଇ କହିଛନ୍ତି। ଗୁରୁବାର ସକାଳୁ ପିଅନ ଆସି ଦେଖିଲା ବେଳକୁ ଗେଟ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ପରେ ଆର ଆଇ ନରେଶ ମହାନ୍ତ ପହଞ୍ଚି ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପାଟଣା ପୋଲିସ ଏକ ମାମଲା(ନଂ.୧୨୦/୨୬) ରୁଜୁ କରି କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ଡକାଇ ତଦନ୍ତ କରିଛି। ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି, ଆରଆଇ ଅଫିସ ଭିତରେ ଦୁର୍ବୃତ୍ତ ବ୍ୟବହାର କରିଥିବା ପ୍ୟାଣ୍ଟ ଓ ବ୍ୟବହୃତ ସିଗାରେଟରୁ ଦୁର୍ବୃତ୍ତକୁ ଧରିବାକୁ ଉଦ୍ୟମ କରାଯାଉଛି।

### ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ନୋଟିସ

ଆନନ୍ଦପୁର,୧୨।୩(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପବିଭାଗୀୟ ନ୍ୟାୟିକ ମ୍ୟାଜିଷ୍ଟ୍ରେଟ (ଏସ୍‌ଡିଜେଏମ) କୋର୍ଟରେ ଦାୟର ଏକ ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତଙ୍କୁ ପରବର୍ତ୍ତୀ ଶୁଣାଣି ଦିନ ଉପସ୍ଥିତ ରହିବାକୁ କୋର୍ଟ ନୋଟିସ୍ ଜାରି କରିଛନ୍ତି। କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ ତେନ୍ତୁଳିନଣ୍ଡା ଗ୍ରାମର ସୁଧାଂଶୁ ଶେଖର ମଲ୍ଲିକଙ୍କ ଦ୍ୱାରା ମାମଲା (ଆଇସିସି କେସ ନଂ.– ୦୨/୦୩, ୨୦୨୩–୨୪)ଦାୟାର ହୋଇଥିଲା। ଜଜ୍ ମାମଲାର ଶୁଣାଣି କରି କଟକ ଜିଲା ମହଙ୍ଗା ଥାନା ଅନ୍ତର୍ଗତ ମଣିଝରୀ ଗ୍ରାମର ଅଭିଯୁକ୍ତ ରଞ୍ଜନ ରାଉତ (୪୮)ଙ୍କୁ କୋର୍ଟରେ ଉପସ୍ଥିତ ହେବାକୁ ନୋଟିସ୍ ଜାରି କରିଛନ୍ତି। ବାରମ୍ବାର ସମନ ଜାରି ସତ୍ତ୍ୱେ ଅଭିଯୁକ୍ତ ରଞ୍ଜନଙ୍କ ନିକଟରେ ପହଞ୍ଚି ନ ଥିବା ମାନ୍ୟବର କୋର୍ଟ ନିଜ ନୋଟିସ୍‌ରେ ଉଲ୍ଲେଖ କରିବା ସହ ଆସନ୍ତା ମାର୍ଚ୍ଚ ୧୬ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ଆନନ୍ଦପୁର ଏସ୍‌ଡିଜେଏମ କୋର୍ଟରେ ଅଭିଯୁକ୍ତ ନିଜେ କିମ୍ବା ତାଙ୍କ ଆଇନଜୀବୀ ମାଧ୍ୟମରେ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ତାରିଖରେ ଅଭିଯୁକ୍ତ ଉପସ୍ଥିତ ନ ହେଲେ, ଆଇନ ଅନୁଯାୟୀ ନିଷ୍ପତ୍ତି ନିଆଯିବ ବୋଲି ଉକ୍ତ ନୋଟିସ୍‌ରେ ଉଲ୍ଲେଖ ରହିଛି।

### ବ୍ୟାପକ ଦେଶୀ ମଦ, ପୋଚ ନଷ୍ଟ

ପାଟଣା,୧୨।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ପୁଟୁଗାଁ ନାଳକୂଳରେ ବେଆଇନ ଦେଶୀ ମହୁଲି ମଦ ପ୍ରସ୍ତୁତି ସମୟରେ ଗୁରୁବାର ତୁରୁମୁଙ୍ଗା ପୋଲିସ ଚଢ଼ାଉ କରିଛି। ଅତର୍କିତ ଚଢ଼ାଉ ଦେଖି ମଦ ମାଫିଆ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ବିପୁଳ ପରିମାଣର ମହୁଲି ମଦ, ମଦରନ୍ଧା ସାମଗ୍ରୀ ସହ ମହୁଲ ପୋଚ ନଷ୍ଟ କରିଛି।

# ମଣ୍ଡି ସମ୍ମୁଖରେ ଚାଷୀଙ୍କ ଧାରଣା



ମଣ୍ଡି ଆଗରେ ଚାଷୀ ଧାରଣାରେ ବସିଛନ୍ତି।

ପାଟଣା,୧୨।୩(ବୀର କିଶୋର ଦାଶ)

## କେନ୍ଦେଇପୋଷି ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପୋଷି ଧାନମଣ୍ଡିରେ ଧାନକ୍ରୟରେ ଅବ୍ୟବସ୍ଥା ଦେଖାଯାଇଛି। ଚାଷୀଙ୍କ ଧାନ କିଣା ଯାଉ ନ ଥିବାରୁ ଗୁରୁବାର ୫୦ରୁ ଊର୍ଦ୍ଧ୍ୱ ଚାଷୀ ମଣ୍ଡିକୁ ଆସି ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିବା ବେଳେ ତୁରୁମୁଙ୍ଗା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା।

ସୂଚନା ଅନୁଯାୟୀ, କେନ୍ଦେଇପୋଷି ମଣ୍ଡିରେ ମୋଟ ୮୬୨ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ କରିଛନ୍ତି। ଅଦ୍ୟାବଧି ୪୫୦ଜଣ ଚାଷୀଙ୍କଠାରୁ ଧାନ କିଣାଯାଇଛି। ଧାନକିଣାରେ ଅବ୍ୟବସ୍ଥା ସହ କଟ୍‌ନୀଛଟନୀ ବନ୍ଦ ଦାବିରେ ଲ୍ୟାମ୍ପ ସମ୍ମୁଖରେ ଚାଷୀ ନିଳାମ୍ବର ନାଏକ, ନନ୍ଦକିଶୋର ସେନାପତି, କୃଷକ ସଂଗଠନ ନେତା ଖଗେଶ୍ୱର ମହାନ୍ତଙ୍କ ସହ ଅନ୍ୟ ଚାଷୀ ଧାରଣାରେ ସାମିଲ ହୋଇଥିଲେ। ମଣ୍ଡିରେ ଚାଷୀଙ୍କ ଧାନ କିଣା ଯିବା ସହ କୁଇଣ୍ଟାଲ ପ୍ରତି ୫ରୁ ୮ କିଲୋ କଟ୍‌ନୀ ବନ୍ଦ କରାଯିବାକୁ ଦାବି କରିଥିଲେ। ଚାଷୀଙ୍କ ଧାନ ଚାଷୀ ନିଜେ ମିଲକୁ ନେବା ପାଇଁ ଏମ୍‌ଡି କହୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଏମ୍‌ଡି ସୁମନ୍ତ ବାରିକ କହିଛନ୍ତି, ସେ ଚାଷୀଙ୍କୁ ନିଜେ ମିଲକୁ ଧାନ ନେବା ପାଇଁ କହିନାହାନ୍ତି। ଗୋଦାମ ଓ ମିଲ୍‌ରେ ଜାଗା ନ ଥିବା ଯୋଗୁ ଏଭଳି ସମସ୍ୟା ଦେଖାଦେଇଛି। ଖୁବ୍‌ଶୀଘ୍ର ଚାଷୀଙ୍କ ସମସ୍ତ ଧାନ କ୍ରୟ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଚାଷୀ ଧାରଣାରୁ ଉଠିଥିଲେ।

# ବିହାରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ବଡ଼ବିଲ,୧୨।୩ (ଜୟନ୍ତୀ ରଣା)

## ବହୁଚର୍ଚ୍ଚିତ ବଡ଼ବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣା

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ବଡ଼ବିଲ ଶାଖାରୁ ଡକାୟତି ଘଟଣା ରାଜ୍ୟରେ ଚର୍ଚ୍ଚାର ପରିଧିକୁ ଆସିଥିଲା। ଏହି ଘଟଣାରେ ପୂର୍ବରୁ ଅଭିଯୁକ୍ତ ଓ ତାଙ୍କର ସହଯୋଗୀ ମିଶି ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ବୁଧବାର ରାତିରେ ଆଉ ଜଣେ ଅଭିଯୁକ୍ତଙ୍କୁ ବିହାର ରାଜ୍ୟରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ ଧାନବାଦସ୍ଥିତ ସିନ୍ଦ୍ରି ଅଞ୍ଚଳର ଜିତେନ୍ଦ୍ର କୁମାର। ଅଭିଯୁକ୍ତଙ୍କୁ ବିହାର ରାଜ୍ୟ ଜାମୁଇ ଜିଲା ଲାଛୁଆର କୋର୍ଟରେ ହାଜର କରିବା ପରେ ବୁଧବାର ରାତିରେ ବଡ଼ବିଲ ଜେଏମ୍‌ଏଫ୍‌ସି କୋର୍ଟରେ ପୋଲିସ ହାଜର କରିଛି। ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜହେବାରୁ ତାଙ୍କୁ ବଡ଼ବିଲ ସବ୍‌ଜେଲକୁ ପଠାଯାଇଥିବା ଜଣାପଡ଼ିଛି। ସୂଚନା ଥାଉକି, ଜାନୁଆରୀ ୧୯ରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ବଡ଼ବିଲ ଶାଖାର ଷ୍ଟ୍ରଙ୍ଗ୍ ରୁମ୍‌ରୁ ୬ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ୧୫୫ଟି ପ୍ୟାକେଟରେ ଥିବା ୭.୫୩ କିଲୋଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ପୂର୍ବରୁ ଏହି ଘଟଣାରେ ପୋଲିସ ସିଧାସଳଖ ସମ୍ପୃକ୍ତ ଓ ସହଯୋଗୀଙ୍କୁ ମିଶାଇ ମୋଟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫକରି ୨୭୯.୭୭ ଗ୍ରାମ ସୁନା ଅଳଙ୍କାର, ୨ଟି ସ୍କର୍ପିଓ, ଏକ ପଲ୍‌ସର ବାଇକ୍, ଏକ ସୁନାଚେନ୍, ଏକ ମୁଦି, ୨ଟି ମୋବାଇଲ ଜବତ କରିଥିଲା। ବିହାର ଜାମୁଇ ଜିଲା ଅଞ୍ଚଳରେ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଜିତେନ୍ଦ୍ର କୁମାରଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ପୋଲିସ ଜାମୁଇ କୋର୍ଟରେ ହାଜରକରି ଟ୍ରାନ୍‌ଜିଟ ରିମାଣ୍ଡରେ ବଡ଼ବିଲକୁ ଆଣି ବୁଧବାର ରାତିରେ କୋର୍ଟଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବା ସହ ଲୁଟ୍ ହୋଇଥିବା ସୁନା ଅଳଙ୍କାର ମଧ୍ୟ ଉଦ୍ଧାର କରାଯିବ ବୋଲି ପୋଲିସ କହିଛି।

# ଯୋଡ଼ା ମହୋତ୍ସବ ନିମନ୍ତେ ନୂତନ କର୍ମକର୍ତ୍ତା ମନୋନୀତ

ଯୋଡ଼ା,୧୨।୩(ମାନସ ମହାନ୍ତି): ଯୋଡ଼ା ମହୋତ୍ସବ ପାଳନ ନିମନ୍ତେ ଗୁରୁବାର ପୌରସଭାଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। କମିଟିରେ ସଭାପତିଭାବେ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, କାର୍ଯ୍ୟକାରୀ ସଭାପତି ଏମ୍‌ପିଙ୍କ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପ୍ରତିନିଧି ଆର୍‌କେ ଦାସ, ସାଧାରଣ ସମ୍ପାଦକ ପାର୍ଥ ସାରଥି ଷଡ଼ଙ୍ଗୀ, ଉପଦେଷ୍ଟା ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଯୋଡ଼ା ନଗରପାଳ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ସୁଶାନ୍ତ ବାରିକ, ପ୍ରକାଶ ମହାନ୍ତି, ଉପ ସଭାପତି ଚର୍ଚିଲ ମହାକୁଡ଼, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡା ପୌରନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଯୋଡ଼ା ବିଡିଓ ଡେନିସ ବେହେରା, ସମ୍ପାଦକଭାବେ ଆର୍‌କେ ସିଂ, ରେଣୁକା ବେହେରା, ଜଗନ୍ନାଥ ପାଣିଗ୍ରାହୀ, ଯୋଡ଼ା ନଗର ଏମ୍‌ପିଙ୍କ ପ୍ରତିନିଧି ବିଏନ୍ ଦାସ, କୋଷାଧ୍ୟକ୍ଷଭାବେ ସୁଶାନ୍ତ ବେବର୍ତ୍ତା ଏବଂ କାର୍ଯ୍ୟକାରୀ ସଦସ୍ୟଭାବେ ୧୨ ଜଣଙ୍କୁ ମନୋନୀତ କରାଯାଇଛି। ଏପ୍ରିଲ ୩, ୪ ଓ ୫ ତାରିଖ ୩ ଦିନ ମହୋତ୍ସବ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଥିଲା। ବୈଠକରେ ଯୋଡ଼ା ପୌର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ନୂତନ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ଚମ୍ପୁଆ,୧୨।୩(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ରାମଚନ୍ଦ୍ର ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଶତହଲିଆ ଗ୍ରାମର ଅଶୋକ ନାଏକଙ୍କ ପୁଅ ସଚ୍ଚିଦାନନ୍ଦ ନାଏକ। ସେ ବୁଧବାର ରାତିରେ ଏକ ଦେଓଝରରୁ ନିଜ ବୁଲେଟ୍ (ନଂ. ଓଡି ୦୯ ଏଡି ୧୭୪୮) ଯୋଗେ ଘରକୁ ଫେରୁଥିଲେ। ରାମଚନ୍ଦ୍ର ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସକାଳୁ ସ୍ଥାନୀୟ ଲୋକେ ଦେଖି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚମ୍ପୁଆ ପୋଲିସ ମାମଲା(ନଂ.୧୦୪/୨୬) ରୁଜୁ କରି ତଦନ୍ତ ଜାରି କରୁଛି।

# ବାଇକ୍ ଚାଳକଙ୍କ ଉପରେ ମାଡ଼ିଗଲା ହାଇୱା

ଯୋଡ଼ା,୧୨।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା–ବାମେବାରୀ ରାସ୍ତାର ବାଂଶପାଣି ଛକ ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଉପରେ ହାଇୱା ମାଡ଼ିଯିବାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝୁମ୍ପୁରା ଥାନା ଅନ୍ତର୍ଗତ ଖୁଣ୍ଟିପଶି ଅଞ୍ଚଳର ପୀତାମ୍ବର ମହାନ୍ତ(୬୫)। ପୀତାମ୍ବର ବାଇକ୍ (ନଂ. ଓଡି ୦୯ ଏମ ୭୫୪୭)ଯୋଗେ କୌଣସି କାମରେ ଯାଉଥିଲେ। ଏହି ସମୟରେ ପଛପଟୁ ଏକ ହାଇୱା (ନଂ. ଓଡି ୦୯ ପି ୨୮୬୫)ତାଙ୍କ ବାଇକ୍‌କୁ ଧକ୍କାଦେଇ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ଯୋଡ଼ା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଘଟଣା ପରେ ଫେରାର ହୋଇଯାଇଛନ୍ତି। ପୋଲିସ ହାଇୱାକୁ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଜପାର ଭିବି–ଜି–ରାମଜି ସଚେତନତା

କେନ୍ଦୁଝର,୧୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭାଜପା ପକ୍ଷରୁ ଜିଲା କର୍ଯ୍ୟାଳୟ ଅଫିସରେ ଭିବି–ଜି–ରାମଜି ଓ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନରଣପୁର ମଣ୍ଡଳ ସଭାପତି ରତି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅତିଥିଭାବରେ କେନ୍ଦୁଝର ଜିଲା ସଭାପତି ଶୁକଦେବ ମହାନ୍ତ, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ନଗର ପ୍ରଭାରୀ ଦିଲ୍ଲିପ ପଣ୍ଡା, ଜିଲା କୃଷକ ମୋର୍ଚ୍ଚା ସଭାପତି ଭାଗୀରଥି ସିଂ, ପୂର୍ବତନ ମଣ୍ଡଳ ସଭାପତି ବେଣୁଧର ମହାନ୍ତ, ରୁପେଶ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ରଞ୍ଜନ ପଣ୍ଡା, ଦେବବ୍ରତ ଗିରି ଯୋଗଦେଇଥିବା ବେଳେ ୧୫୦ରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା କର୍ମୀ ଯୋଗଦାନ କରିଥିଲେ। ଏଥିରେ ଭିବିଜିରାମଜି ଯୋଜନାରେ ଲୋକ ମାନେ ୧୦୦ ଦିନର କାମ ବଦଳରେ ୧୨୫ ପାଇବେ, ୭ଦିନ ଭିତରେ କେମିତି ମଜୁରୀ ପାଇବେ, ଅନ୍ୟ ସାଙ୍ଗଠନିକ ବିଷୟରେ ବିସ୍ତୃତ ଆଲୋଚନ କରାଯାଇଛି।

# ଓପି ଜିନ୍ଦଲ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ: ଏମ୍‌ଟିଆରସି ସେରେଣ୍ଡା–ଏ ଚାମ୍ପିୟନ




ଅତିଥିଙ୍କ ସହ ଖେଳାଳିମାନେ।

ଯୋଡା,୧୨।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାଠାରେ ଅନୁଷ୍ଠିତ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ କାଶିଆ–ଖରେ ଆୟୋଜିତ ଓପି ଜିନ୍ଦଲ ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଏମ୍‌ଟିଆରସି ସେରେଣ୍ଡା–ଏ ଓ ଭୁଷଗାଁ–ଏ ମଧ୍ୟରେ ହୋଇଥିଲା। ଏମ୍‌ଟିଆରସି ସେରେଣ୍ଡା–ଏ ଟିମ୍ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ସମ୍ମାନିତ ଅତିଥିଭାବେ ଜିନ୍ଦଲ ଷ୍ଟିଲ ବିକେଟିଆର–କ୍ଲଷ୍ଟର ହେଡ୍ ପ୍ରମୋଦ ପାତ୍ର ଓ ସ୍ଥାନୀୟ ଅଞ୍ଚଳର ସାମାଜିକକର୍ମୀ ସଞ୍ଜୀବ ପଲେଇ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ।

# ଜାତୀୟ ଜୁନିଅର ଖୋଖୋ ଚାମ୍ପିୟନଶିପ୍‌କୁ ଆଦିତ୍ୟ ମନୋନୀତ

ଆନନ୍ଦପୁର,୧୨।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ପୁରୁଣାବାନ୍ଧଗୋଡା ବଳରାମଧୀର ହାଇସ୍କୁଲ ଦଶମ ଶ୍ରେଣୀର ଛାତ୍ର ଆଦିତ୍ୟ ମଲ୍ଲିକ ଜାତୀୟ ଜୁନିୟର ଖୋଖୋ ଚାମ୍ପିୟନଶିପ୍ ପାଇଁ ଜିଲାରୁ ଏକମାତ୍ର ଖେଳାଳୀ ଭାବେ ମନୋନୀତ ହୋଇଛନ୍ତି। ସେ ମଧ୍ୟ ପ୍ରଦେଶର ଗାୟଲିୟରରେ ଅନୁଷ୍ଠିତ ଜାତୀୟସ୍ତରୀୟ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟରେ ୧୭ ବର୍ଷରୁ କମ ଖୋଖୋ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ୧୪ତମ ଜାତୀୟ ଖୋଖୋ ଚାମ୍ପିୟନଶିପ ପାଇଁ ମନୋନୀତ ହୋଇଛନ୍ତି। ସଫଳତାରେ ପୁରା ଗାଁରେ ଖୁସିର ଲହରି ଖେଳିଯାଇଥିବା ବେଳେ ସ୍ଥାନୀୟ ସରପଞ୍ଚ ସୁଧାରାଣୀ ଧୀର ଏ ନେଇ ଶୁଭେଚ୍ଛା ଜଣାଇଛନ୍ତି। ସରକାରୀ ପ୍ରୋତ୍ସାହନ ମିଳିଲେ ଖୋଖୋ ଖେଳକୁ ନେଇ ଆଦିତ୍ୟ ଭବିଷ୍ୟତ ଗଢ଼ି ପାରିବେ ବୋଲି ଆଦିତ୍ୟଙ୍କ ପିତା ଅନ୍ତର୍ଯ୍ୟାମୀ ମଲ୍ଲିକ କହିଛନ୍ତି।



ସରପଞ୍ଚ ସୁଧାରାଣୀ ଧୀର ଓ ସ୍ଥାନୀୟ ଲୋକେ ଆଦିତ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ୟୁଟ୍ୟୁବ୍ ଦେଖି ସଫଳ ଚାଷୀ

## ଷ୍ଟ୍ରବେରି ଚାଷକରି ଲାଭବାନ୍ ହୋଇଛନ୍ତି ପ୍ରଭାକର

ବଉଳା, ୧୨।୩(ଦୁର୍ଗାପ୍ରସାଦ ଆୟଚ)

ପାରମ୍ପରିକ ପ୍ରଣାଳୀରେ ଚାଷକରି ପରିବାର ପ୍ରତିପୋଷଣ କରୁଥିଲେ। ଭଲ ଲାଭ ମଧ୍ୟ ହେଉଥିଲା। ମାତ୍ର ୟୁଟ୍ୟୁବ୍‌ରେ ଷ୍ଟ୍ରବେରି ଚାଷ ବିଷୟରେ ଦେଖି କିଛି ନୂଆ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ପରେ ଉଦ୍ୟାନ ବିଭାଗର ସହାୟତା ନେଇ ଷ୍ଟ୍ରବେରି ଚାଷକରି ଅଞ୍ଚଳରେ ଉଦାହରଣ ପାଲଟିଛନ୍ତି। ସେ ହେଲେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ପଞ୍ଚାୟତ ଶିବ ନାରାୟଣପୁର ଗ୍ରାମର ସଫଳ ଚାଷୀ ପ୍ରଭାକର ଖଣ୍ଡା।

ପ୍ରକାଶ ଯେ, ପ୍ରଭାକର ପୂର୍ବରୁ ୨ ଏକର ଜମିରେ ମୁଗ, ବିରି, କଲରା, ପୋଟଳ, କାକୁଡ଼ି, ମକା ଇତ୍ୟାଦି ଚାଷ କରୁଥିଲେ। ଏଥିରେ ଭଲ ରୋଜଗାର ହେଉଥିଲା। କିନ୍ତୁ ଅଧିକ ରୋଜଗାର କରିବା ଓ କିଛି ନୂଆ କରିବାର ଲକ୍ଷ୍ୟରେ ୟୁଟ୍ୟୁବ୍‌ରୁ ବିଭିନ୍ନ ଚାଷ ପ୍ରଣାଳୀ ଦେଖୁଥିଲେ। ୬ ମାସ ପୂର୍ବେ ୟୁଟ୍ୟୁବ୍‌ରୁ



ଷ୍ଟ୍ରବେରୀ କ୍ଷେତ। ଚାଷୀ ପ୍ରଭାକର ଖଣ୍ଡା।

ଷ୍ଟ୍ରବେରି ଚାଷ ଦେଖି ଚାଷ କରିବାକୁ ମନ ବଳାଇଥିଲେ। ଏଭଳି ଚାଷ ବିଷୟରେ ଅଧିକ ଜାଣିବା ପରେ ଉଦ୍ୟାନ ବିଭାଗର ସହାୟତା ଲୋଡ଼ିଥିଲେ। ଉଦ୍ୟାନ ବିଭାଗ ସହଯୋଗରେ ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ ଆରମ୍ଭ କରିଥିଲେ। ମହାରାଷ୍ଟ୍ରରୁ ୫ ଶହ ଚାରା ଆଣି ରୋପଣ କରିଥିଲେ। ଏଥିରେ ମାତ୍ର ୯ ହଜାର ଟଙ୍କାର ଚାରା ଓ ଜାଲି ଘେରା ମିଶାଇ ୧୨ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ସ୍ଥାନୀୟ ଜଳବାୟୁରେ ହେବ କି ନାହିଁ ସନ୍ଦେହ କରୁଥିଲେ। ମାତ୍ର ଏବେ ପ୍ରତି ୨ ରୁ ୩ ଦିନରେ ୨ ରୁ ୩ କେଜି ଅମଳ ହେଉଛି। ଏହାକୁ ପ୍ରଥମେ ୩୦୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଏବେ ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଶୀତଦିନ ଅପେକ୍ଷା ଖରାଦିନରେ ଅଧିକ ଆମଦାନୀ ଦେଉଥିବା କହିଥିଲେ। ବ୍ୟବସାୟୀମାନେ ଘର ପାଖରୁ ନେଇଯାଉଛନ୍ତି। ଅନ୍ୟ ଚାଷ ଅପେକ୍ଷା ଏଠାରେ କମ୍ ଖର୍ଚ୍ଚ ହେଉଛି। କେବଳ ଖତ ଓ ଜୈବିକ ଖତରେ ଉତ୍ପାଦନ କରୁଛନ୍ତି। ପ୍ରଥମ ଥର ଏଭଳି ଚାଷକରି ସଫଳ ହୋଇଥିବାରୁ ବହୁ ଚାଷୀ ତାଙ୍କ ପାଖକୁ ଯାଇ ଦେଖିଥିବା କହିଛନ୍ତି। ଷ୍ଟ୍ରବେରି ଚାଷରୁ ଭଲ ଲାଭ ହେଉଥିବା କହିବା ସହ ଚାଷ ସମ୍ପର୍କରେ ସ୍ଥାନୀୟ ଚାଷୀ ବୁଝୁଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହ ଏବେ ଗେଣ୍ଡୁଫୁଲ ଚାଷକରି ମଧ୍ୟ ଭଲ ଅମଳ କରୁଥିବା କହିଥିଲେ। ବେକାରି ସମସ୍ୟା ଓ ଚାକିରି ପଛରେ ନ ଦୌଡ଼ି ଅଳ୍ପ ପଇସାରେ ଏଭଳି ଚାଷକରି ଲାଭବାନ୍ ହେବାକୁ ଯୁବପିଢ଼ିଙ୍କୁ ବାର୍ତ୍ତା ଦେଇଛନ୍ତି। ଏଭଳି ଚାଷ କରି ମାସିକ ଆୟ ଭଲ ରହୁଥିବାରୁ ଗାଁ ଛାଡ଼ି ଅନ୍ୟ ରାଜ୍ୟକୁ ଯାଇ ଦାଦନ ଘଟିବାକୁ ନାପସନ୍ଦ କରିଛନ୍ତି। ତାଙ୍କର ଏଭଳି ଚାଷକୁ ନେଇ ବିଭିନ୍ନ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି।

